

# ବିଡ଼ମ୍ବନା

କେଉଁ ଆବହମାନ କାଳରୁ ସେଇ ଖଜୁରିଆ ଗାଁଟା ଇତିହାସର ମୂକସାକ୍ଷୀ ପରି ଦେଉଳିଆ ଆଉ ଗିରିଡ଼ିବଣ ଦୁଇପାହାଡ଼ର ମଧ୍ୟ ଦେଶରେ ବସି ରହିଛି ତାହା କାହାକୁ ଜଣା ନାହିଁ । ଖଜୁରିଆ ଗାଁ ପରି ଗାଁ ଟିଏ । ସେ ଗାଁରେ ଯେପରି କାହାର କିଛି ଅଭାବ ନାହିଁ । କେହି କାହାର ଦୁଆରକୁ ହାତ ପତେଇ ମାଗିବାର ବ୍ୟବସ୍ଥା ଯେପରି ସେଠାରେ ନାହିଁ । ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କର ମୂର୍ତ୍ତିମୟ ପ୍ରତୀକ ଯେପରି ଏ ଗାଁ ଟା । ବର୍ଷା ଦିନର ଆକାଶରେ କଳାଘୁମର ମେଘ ଉଠାଇ ମନଇଚ୍ଛା ଅସରାଏ ବର୍ଷା କରିଗଲା ପରେ ଏ ଗାଁ ର ଦାଣ୍ଡଟା ଯେପରି ଶୁଖିଲା ସେପରି ଶୁଖିଲା । କେତେକ ଏ ଗାଁ ଟାକୁ ଖୋରଧାର ରଙ୍ଗମାଟିଆ ଗାଁ ବୋଲି କହନ୍ତି । ଖରାଦିନ ଦି'ପହର ଖରାର ଧାପଟା ଟିକିଏ କମିଗଲେ, ଚିଲିକା କୂଳରୁ ଯେଉଁ ଥଣ୍ଡା ପବନ ଏ ଗାଁ ଉପରଦେଇ ବହିଯାଏ, ଜଣାଯାଏ ଯେପରି ଚିର ବସନ୍ତର ସ୍ରୋତ ଏ ଗାଁ ରେ ସର୍ବଦା ଚଳମାନ । ଶୀତ-କାକର, ଝଡ଼ି-ବରଷା, ଦିଗ-ବିଦିଗ, କାଳ-ଅକାଳ ସବୁକୁ ପତିଆରା ନ କରି ଏ ଗାଁର ଗୋଟିଏ ନିର୍ମଳ ଚରିତ୍ର ଝରିଆବୋଉ ପ୍ରତିଦିନ ସକାଳୁ ଗୋଟିଏ କଟୁରୀ ଆଉ ବିଡ଼ାଏ ପାଳ ଦଉଡ଼ି ଧରି ଧାଇଁଯାଏ ଝାଟି ବିଡ଼ାଏ ଆଣିବା ପାଇଁ, ଯାହା ତା'ର ଚଳଣିର ପାଥେୟ ।

ମୋର ଜନ୍ମରୁ ବୋଧହୁଏ ଝରିଆବୋଉ ସହିତ ପରିଚିତି । ଝଡ଼ିବର୍ଷା କାକର ଶୀତ ନ ମାନି ଯେଉଁ ଏକ ଚରିତ୍ର ସର୍ବଦା ଧାବମାନ, ସେଇ ଚରିତ୍ର ସାଙ୍ଗରେ ମୋର ବେଳେ ବେଳେ ମନେହୁଏ ଖୋଲଗଦା, ଗିରିଡ଼ିବଣ, ଟାଙ୍ଗୀଉପର, ବୋତଣ୍ଡା ଇତ୍ୟାଦି ବଣ ଜଙ୍ଗଲ ବୁଲି ଆଖୁକୋଳି, ବଇଁଚି କୋଳିରୁ ପକେଟରେ ପକେଟେ ପୂରାଇ ଦାଣ୍ଡଦୁଆର ଠେକା ଉପରେ ବସି ଅନେକ ସମୟଯାଏଁ କୋଳି ଖିଆର ମଜା ନେବା ପାଇଁ । ଝରିଆ ବୋଉ ପାଖରେ ମୋର ସବୁଦିନ ଅଳି ଅର୍ଦ୍ଦଳି ଥାଏ ଯେ ଜଙ୍ଗଲରୁ ମୋ' ପାଇଁ କୋଳି

ହେଉ, ମୂଷା ପିଲା ହେଉ ଅଥବା ତୁଣ୍ଡପୋଡ଼ା ପତ୍ରହେଉ ବା ଝୁମ୍ପୁଡ଼ି ହେଉ ଯେପରି ହେଲେ ନେଇ ଆସିବ ।

ଝରିଆ ବୋଉର ବୟସ ବୋଧହୁଏ ପଚାଶ ଉପରେ ହେବ ସେତେବେଳେ । ତା'ର ତେଲ ଲୁଣ ସଂସାର ସେ ନିଜେ ଏବଂ ତା'ର ଏକମାତ୍ର ବୋହୂ ମାନେ ଝରିଆର ସ୍ତ୍ରୀକୁ ନେଇ ଗଠିତ । ମୋର ଜନ୍ମ ଆଗରୁ ଝରିଆ ବୋଧହୁଏ ରେଙ୍ଗୁନ ଚାଲିଯାଇଥାଏ । ଖଜୁରିଆ ଗାଁରେ ମାଣେ ବୋଲି ଜମି । ସେଥିରେ ଦୁଇଜଣଙ୍କର ଚଳିବାର ସମସ୍ତ ସାଧନ ପର୍ଯ୍ୟାପ୍ତ ହୁଏ ନାହିଁ । ତେଣୁ ପରିବାରର ଏକମାତ୍ର ଅର୍ଜନକ୍ଷମ ବ୍ୟକ୍ତିତ୍ୱ ଝରିଆବୋଉ ଜଙ୍ଗଲରୁ କାଠ ଓ ଝାଟି ଆଣି ଯେଉଁ ପଇସା ରୋଜଗାର କରେ, ସେଥିରେ ତାର ଦୁଇଜଣିଆ ପରିବାର ଚଳନ୍ତି । ଝରିଆ ବୋଉ ପଚାଶ ବର୍ଷିଆ ଜଣେ ସ୍ୱାଧୀନଚେତା ମହିଳା, ଯିଏ ରାଜାର ପ୍ରଜା ନୁହେଁ କି ସାହୁର ଖାତକ ନୁହେଁ । ସେ ସ୍ୱାଧୀନ ଭାବରେ ଗତିକରି ଚାଲେ । ଝରିଆ ମଧ୍ୟ ରେଙ୍ଗୁନରୁ ଟଙ୍କା ପଠାଏ ତା'ର ଦାଦି ନାଆଁରେ । ଦାଦି ଟଙ୍କା ଏକାଠି କରି, ଜମି ନିଜ ନାମରେ କିଣେ । ଏକଥା ନା ଝରିଆ ଜାଣେ, ନା ଝରିଆ ବୋଉ ଜାଣେ । ସେମାନେ ନିଷ୍ପାପ ହୃଦୟଧାରୀ ସରଳ ମଣିଷ । କୁଟୀଳତା ସେମାନଙ୍କୁ ସ୍ପର୍ଶ କରିପାରେ ନାହିଁ । ଝରିଆବୋଉ କେବେ ବି ରାଗିବାର ମୁଁ ଦେଖି ନାହିଁ । ଦିନେ ଦଶଟା ବେଳକୁ ଦାନ୍ତକାଠି ଧରି ଦୁଇ ସଉତୁଣିଆ ପୋଖରୀରେ ବୁଡ଼ଟାଏ ମାରିଲେ ତା'ର ଦି'ପହରେ ଭଲ ନିଦ ହୁଏ । ବୋହୂ ଯାହା ବାଢ଼ିଦିଏ, ତାହା ବୋଧହୁଏ ଝରିଆ ବୋଉ ପାଇଁ ଅମୃତ । ଦିନର ଖଟଣି ପରେ ଖାଦ୍ୟର ଯେଉଁ ଆନନ୍ଦ ପାଏ ଝରିଆ ବୋଉ, ସେ ଖାଦ୍ୟ ବାସି ପଖାଳ ହେଉ ବା କାଞ୍ଜିପାଣି ହେଉ, ସେ ଆନନ୍ଦ ରାଜା ମହାରାଜା ମାନଙ୍କର ସହଜ ଲଭ୍ୟ ନୁହେଁ । ମଣିଷର ଏହା ଏକ ଅନୁଭବ ଯେ ଯାହା ଦୁଷ୍ପ୍ରାପ୍ୟ ତାହା ସର୍ବଦା ବର୍ଜନୀୟ । ଛାର ଝରିଆବୋଉର ଗୋଟେ ଅନୁଭବ କ'ଣ ? ସେତ ଝାଟିମାଟିର ମଣିଷ, ସେ ତ ମାଟି ମଟାଳର ମଣିଷ ।

ଝରିଆ ବୋଉ ମୋତେ ସ୍ନେହରେ ନନ୍ଦ ବୋଲି ଡାକେ । ଝାଟି ବିଡ଼ାଟା ବାଡ଼ିପଟେ ପକାଇଦେଇ ଡାକଛାଡ଼େ ନନ୍ଦ ରେ ! କୁଆଡ଼େ ଗଲୁ । ନେଲୁ କଣ ଆଣିଛି । ମୁଁ ଯେପରି ଚାହିଁ ବସିଥାଏ ଝରିଆ ବୋଉର ଡାକକୁ । କହିବା ବାହୁଲ୍ୟ ଯେ ମୋ ବୋଉ, ନନା ମୁଁ ଓ ଗାଁର ସମସ୍ତେ ତାକୁ ଝରିଆ ବୋଉ ବୋଲି ଡାକନ୍ତି । ଝରିଆବୋଉ ନାଁଟା ଯେପରି ତା'ର ସାର୍ବତ୍ରିକ । ତାର ଆସିବା ଡେରି ହେଲେ, ମୋର ଆମ ଘରେ ଦାଣ୍ଡରୁ ବାଡିକୁ ଧାଁ ଦଉଡ଼ ଲାଗିଥାଏ । ବୋଉର ପାଟିରେ ମୋର ପାଦଶବ୍ଦ ବେଳେ ବେଳେ ବିଲେଇ ଶୀକାର କରିବା ବେଳେ ଗଲାପରି ସ୍ତିମିତ ତଥା ଶବ୍ଦ ହୀନ ହୋଇଯାଏ । ଝରିଆବୋଉର କାନିରେ ବଂଧା

କୋଳିର ସ୍ୱାଦ ଯେ ନିଆରା  ଅନ୍ତତଃ ମୁଁ ଅନୁଭବ କରେ ।

ଝରିଆବୋଉ ଗୋଟେ ଗୋଦରୀ ମଣିଷ । ଗୋଟାଏ ଗୋଟାଏ ଗୋଡ଼ ଏକଫୁଟ ଲେଖାଏଁ ମୋଟା । ହେଲେ ଦିନେ ବି ମୋର ମନରେ ଆବିଳତା ଆସେନି ଗୋଟେ ବାତଜରିଆ ମଣିଷ ପାଖକୁ ଯିବାକୁ । ବୋଉର ଆକଟ ସତ୍ତ୍ୱେ ମୋର ଦେଖା ଝରିଆବୋଉ ସହିତ ନିତ୍ୟ ନୈମିତ୍ତିକ । ତା'ର ବି ମୋ' ସହିତ ଦିନରେ କେତେଥର ଦେଖା ସାକ୍ଷାତ, କଥାବାର୍ତ୍ତା ନହେଲେ ରାତ୍ରିରେ ତାକୁ ସୁନିଦ୍ରା ହୁଏ ନାହିଁ ।

ଝରିଆ ରେଙ୍ଗୁନ ଯିବାର ଅନେକ ଦିନ ହେଲାଣି । ଘରେ ତାର ସ୍ତ୍ରୀ ପ୍ରତୀକ୍ଷାମାଣା ତିଷ୍ଠତି । ଦିନେ ଦିନେ ଝରିଆବୋଉ ବଡ଼ ପାଟିରେ କାନ୍ଦିବାର ମୁଁ ଦେଖିଛି । ମୋର ପିଲାମନ ବୁଝେ ନାହିଁ । ତାକୁ ପଚାରିବ ସେ ଯେ ସେ କାହିଁକି କାନ୍ଦୁଛି ବୋଲି । ସେ ତା'ର ଭାଗ୍ୟକୁ ନିନ୍ଦାକରେ, ତା'ର ସୃଷ୍ଟିକୁ ନିନ୍ଦାକରେ, ସେ ସମାଜର ଚଳଣୀର ନିନ୍ଦାକରେ ଏବଂ ଧରିନିଏ ଯେ ଦୁଃଖ ତା'ର ଜୀବନର ଚିର ସହାଚର । ଏଇ ଅନାବିଳ ଜୀବନ ପରିସର ଭିତରେ ଝରିଆକୁ ନଦେଖି ହୁଏତ ତାର ମୃତ୍ୟୁ ହୋଇଯାଇପାରେ । ତେଣୁ ତା'ର ଆଖିରୁ ଶ୍ରାବଣର ଜଳଧାରାର ସ୍ରବଣ ହୁଏ । ଏଇ ଉଷ୍ଣ ଜଳଧାରା ମାଧ୍ୟମରେ ଝରିଆର ବାତ୍ସଲ୍ୟମମତା ବିଳାପ କରିଚାଲେ ଏବଂ ଝରିଆ ବୋଉ ଭାବେ ତାର ଅର୍ଜିତ ପାପର ବରଫଖଣ୍ଡ ବୋଧହୁଏ ଜଳଧାରାରେ ପରିଣତ ହୋଇ ସମୁଦ୍ରଗାମୀ ହେବ ଏବଂ ସେ ସେଥିରୁ ଶାନ୍ତ୍ୱନା ଲାଭ କରିବ ।

ଘର ବୋଇଲେ ଝରିଆ ବୋଉର ଗୋଟିଏ ବଖରା ଯେଉଁଠି ରନ୍ଧାହୁଏ, ସେଇଠି ହାଣ୍ଡି ରହେ, ସେଇଠି ତେଙ୍ଗଡ଼ା-ସେଇଟା ଶୋଇବା ଘର, ରୋଷେଇଘର ସବୁ କିଛି । କାଠ ବିକ୍ରି ପଇସାରେ ଲକ୍ଷୀଆଇ ଦୋକାନରୁ ଡାଲି, ଚାଉଳ, ତେଲ, ଲୁଣ, ଆଳୁ ଆସେ, ରନ୍ଧାବଢ଼ା ହୁଏ । ହାଟରୁ ବେଳେ ବେଳେ ପାତୁଆ ମାଛ ବି ଆସେ । ସେଇ ମାଛ ଶାଶୁ ବୋହୂଙ୍କର ଝୋଳ ହୁଏ । ସୋରିଷ ଦିଆ ଝୋଳ ।

ଖୋଲ ଗଦା, ଗିରିଡ଼ିବଣ, ବୋତଣ୍ଡା ବଣ ସବୁଠାରେ ଝରିଆ ବୋଉର ଜବରଦସ୍ତ ଦଖଲ । କାହାର ଦେବା, ନେବା, ପଚାରିବା, ନ ପଚାରିବାରେ ତାର ଖାତିର ନଥାଏ । ଗୋଛାଏ କାଠ ମୁଣ୍ଡରେ ଧରି, ଝାଳ ବୁହାଇ, ଲୁହକୁ ଲୁଣି ପାଣିରେ ମିଳାଇ ଯେତେବେଳେ ଝରିଆବୋଉ ଆସେ ଏବଂ କାଠକୁ ତଳେ ବାଡ଼ିରେ ପକାଇ ତା'କୁ ଆଉଜି ବସିଯାଏ, କେତେବେଳେ ମନେହୁଏ ସେ ହିଁ ଏତେବଡ଼ ଏକ ପୃଥିବୀରେ ଜଣେ କର୍ମକୁଶଳୀ ନାରୀ ଯାହାର ତୁଳନା ସେ ନିଜେ । ସେ ବୁଝେନା ଶ୍ରମର ସନ୍ତ୍ରମତା, ସେ ବୁଝେନା ବଡ଼ ସାନର

ଭେଦଭାବ, ସେ ବୁଝେନା ନ୍ୟାୟ ବା ଅନ୍ୟାୟ, ସେ ବୁଝେନା ଭଲ ପାଇବା ନ ପାଇବାର ସ୍ୱାଦ । ସେ ବୁଝେ ତାର ଶ୍ରମର ମୂଲ୍ୟ । ଯାହା ହୁଏତ ଏକ ଟଙ୍କା ବା ଦୁଇଟଙ୍କା ହୋଇପାରେ । ମାତ୍ର ତାହା ହିଁ ତାର ଚଳିବାର ପାଥେୟ, ଜୀବନର ଧାରା, ଜୀବନର ଛନ୍ଦ, ସବୁକିଛି ।

ଝରିଆବୋଉକୁ ବେଳେ ବେଳେ ବାତଜ୍ୱର ହୁଏ । ସେ ଦିନ ଦିନ ଧରି ଘରକଣରେ ପଡ଼ିରହେ । ମୁଁ ଘରେ ବୋଉକୁ ଅଳି ଅର୍ଦ୍ଦଳି କରି ଅଦା, ତେଜପତ୍ର ପକିଆ ଚା' ନେଇ ଦେଇଆସେ । ମୋତେ ପାଖରେ ପାଇଲେ ତା'ର ଜର ଯେପରି ବାରଣା କମିଯାଏ । ମୋତେ ପାଖକୁ ଡାକି କହେ, ନନ୍ଦରେ ! ଜର ହୋଇଗଲା, ଦେହ ଭଲ ହେଲେ ତୋ' ପାଇଁ କୋଳି ନେଇ ଆସିବି । ମୋ' ପିଲାଳିଆ ମନଟା ନା କିଛି ବୁଝିପାରେ, ନା ତାକୁ କିଛି ବୁଝାଇ ପାରେ । ମନେ ମନେ ଡାହାଳିଆଣୀକୁ ଡାକେ ତାର ଜର ଭଲ କରିଦେବା ପାଇଁ ।

ସମୟ ଓ ଭଟ୍ଟା କାହାକୁ ଅପେକ୍ଷା କରେ ନାହିଁ । ଝରିଆବୋଉ ବୁଢ଼ୀରୁ ବେଶୀ ବୁଢ଼ୀ ହେବାକୁ ଲାଗେ ଏବଂ ମୁଁ ପିଲାରୁ ପାଠ ପଢ଼ିବାକୁ ସ୍କୁଲକୁ ଯିବାକୁ ଲାଗେ । ମନରେ ବେଳେ ବେଳେ ତାକୁ କାଠ ହାଣି ଆଣିବାରେ ସାହାଯ୍ୟ କରିବାକୁ ଇଚ୍ଛା ହୃଦୟରେ ଜାଗରୁକ ହୁଏ ଏବଂ ଏବେ ମନେ ମନେ ମୁଁ ଭାବେ ଆମ ଗାଁ ପାଠାଗାରରେ ଅନ୍ୟ ବଡ଼ ଲୋକମାନଙ୍କର ଫଟୋ ସହିତ ଝରିଆବୋଉର ଗୋଟାଏ ବଡ଼ ପୂର୍ଣ୍ଣଅବୟବ ଫଟୋ ଲଗାଇଦେବାକୁ, କାରଣ ସେ ହିଁ ମୋତେ ସ୍କୁଲକୁ ଯିବା ପୂର୍ବରୁ କର୍ତ୍ତବ୍ୟବୋଧ ବିଷୟରେ ବାସ୍ତବ ଜ୍ଞାନ ଦେଇଛି ।

ଦିନେ ହଠାତ୍ ଏକ ଚିଠି ଆସି ପହଞ୍ଚେ ଯେ ଝରିଆ କଳିକତା ଦେଇ ରେଙ୍ଗୁନ୍‌ରୁ ଆସି ପହଞ୍ଚିବ । ସେ ଚିଠିଟା ଧରି ମୋ ବୋଉ ପାଖରେ ଝରିଆ ବୋଉ ପହଞ୍ଚି, ପଚାରେ ନନ୍ଦ ବୋଉ ! ଦେଖିଲ ଝରିଆ କ'ଣ ଆସିବା ବିଷୟରେ ଲେଖିଛି କି ? ଚିଠି ପଢ଼ି ବୋଉର ଆଖିପତାରେ ଲୁହ ଜକେଇ ଆସିଲା । ସେ 'ହଁ' ବି ଠିକ୍ ଭାବରେ ନ କହିବା ଆଗରୁ ଝରିଆ ବୋଉ ବୋଧେ ମନସ୍ତାତ୍ତ୍ୱିକ ଭାବରେ ଜାଣିଗଲା ଏବଂ ଡାହାଳିଆଣୀକୁ ଘିଅ ଦୀପ ଦେବାପାଇଁ ନେହୁରା ହୋଇ କହିବାରେ ଲାଗିଗଲା । ଆଜି ମୁଁ ମୋର ପ୍ରାପ୍ତ ବୟସରେ ଅନୁଭବ କରି ପାରୁଛି ଯେ ସେଦିନ ଝରିଆବୋଉ ଏତେ ବ୍ୟଗ୍ର ଆଉ ଉତ୍ସୁକ ପରିବେଶ ସୃଷ୍ଟି କରିପାରିଥିଲା, ବୋହୂର ମାର୍ମିକ ଅନ୍ତର୍ବେଦନାର ପରିସମାପ୍ତି ଘଟାଇବା ପାଇଁ ଯାହା ଝରିଆ ବୋଉକୁ ତିଳେ ତିଳେ କଷ୍ଟ ଦେଇ ଆସିଛି ଆଜିଯାଏ ।

ଆମ ଗାଁରେ ନିଶ୍ଚିତ ବର୍ଷାର ଇସାରା ଥାଏ ଯଦି କଳାହାଣ୍ଡିଆ ମେଘଟା ଗିରିଡ଼ିବଣ କଣରୁ ଆସେ, ସେଦିନ ହଠାତ୍ ମେଘବର୍ଷା ସୃଷ୍ଟି ହୋଇଥିଲା ଅନେକ ସମୟଧରି ଏବଂ ଝରିଆ ବୋଉ ଅନନ୍ୟୋପାୟ ହୋଇ କାଠଧରି ବର୍ଷାରେ ଭିଜି ଘରେ ପହଞ୍ଚେ । ବାତଜ୍ୱର ମାଡ଼ିବସେ ଝରିଆ ବୋଉକୁ । ଯେତେ ଔଷଧ ଖାଇଲେ ମଧ୍ୟ ଉପଶମ ହୁଏ ନାହିଁ । ସେ ଦିନ ରାତିରେ ମୋତେ ମୋଟେ ନିଦ ହୋଇ ନ ଥାଏ ଝରିଆ ବୋଉ ପାଇଁ । ସକାଳେ ଖବର ମିଳିଲା ଯେ ଝରିଆ ବୋଉ ଚାଲିଗଲା । ମୋତେ ସବୁଆଡ଼ ଅନ୍ଧାର ଦେଖାଗଲା । ଯାଇ ଦେଖେ ଲୋକ ଗଦା ହୋଇଛନ୍ତି । ବୋହୂଟା କାନ୍ଦି କାନ୍ଦି ଗଡ଼ି ଯାଉଛି । ମୋର ଆଖିର ଲୋତକର ଅବାରିତ ଗତି ପଥରୋଧ କଲେ ବି ବାଧା ମାନେନା । ଗଡ଼ି ଚାଲେ ଏ କାନ୍ଦ ଝରିଆ ବୋଉ ପାଇଁ, ସମବେଦନାର କାନ୍ଦ ନୁହେଁ ତାହା ବାତ୍ସଲ୍ୟ ମମତାର କାନ୍ଦ, ତାହା ଭଲ ପାଇବାର କାନ୍ଦ ଯାହା ଝରିଆ ବୋଉ ଯେ ମୋର ଆନନ୍ଦର ଉତ୍ସ ଥିଲା । ସେ ଯେ ଶ୍ରମ ଗୌରବର ପ୍ରତୀକ ଥିଲା, ସେ ଯେ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା । ଏସବୁ ପାଇଁ ଆଖିରୁ ଲୁହ ବାଧା ନ ମାନି ଗଡ଼ି ଚାଲେ । ଈଶ୍ୱର ଯେ କରୁଣାମୟ ତାହା ମୋର ବାସ୍ତବିକ ଅନୁଭୂତ ହୁଏ ଯେତେବେଳେ ମା' ପାଖରେ ସକାଳ ଟ୍ରେନ୍‌ରେ ଆସି ଝରିଆ ପହଞ୍ଚିଯାଏ ଏବଂ ମା'ର ଶୁଦ୍ଧିକ୍ରିୟା ପାଇଁ ଝରିଆବୋଉ ଆଉ କାହାକୁ ସୁଯୋଗ ଦିଏ ନାହିଁ ।

ମାତ୍ର ମୁଁ ବେଳେ ବେଳେ ଈଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ଇଚ୍ଛାକରେ କାରଣ ତାଙ୍କ ସୃଷ୍ଟି ମଧ୍ୟରେ ଯିଏ ଦୁଃଖ ଓ ଦୈନ୍ୟ ଭିତରେ ଜନ୍ମନିଏ, ବଢ଼େ, ଚଳେ, ପ୍ରଚଳେ ପୁଣି ସେଇ ଦୁଃଖ ଓ ନୈରାଶ୍ୟ ଭିତରେ ତା'ର ନିଃଶେଷ ହୁଏ । ଝରିଆବୋଉର ସୃଷ୍ଟି କଣ ଈଶ୍ୱରଙ୍କ ଅନନ୍ତ ସୃଜନୀରେ ଖାଇ ପିଇ ବଞ୍ଚିବାର ଅଭୀପ୍ସା ନେଇ ହୋଇଥିଲା ? ସେ କଣ ଆନନ୍ଦ ମହୋତ୍ସବର ସୂର୍ଯ୍ୟୋଦୟ ଦେଖିବାର ଇଚ୍ଛା କରି ନଥିଲା । କିନ୍ତୁ ହାୟ ଭାଗ୍ୟର କି ବିଡ଼ମ୍ବନା ? ସେ ଦେଖିଲା କ'ଣ ? ସେ ପାଇଲା କ'ଣ ଏ ସୃଷ୍ଟିରେ ।

ସୃଷ୍ଟିର ଅନେକ ବିଡ଼ମ୍ବନାମାନଙ୍କ ଭିତରୁ ଝରିଆ ବୋଉ ଯେ ଅନ୍ୟ ଏକ ବିଡ଼ମ୍ବନା, ଏଥିରେ ମୋର ସାମାନ୍ୟତମ ଦ୍ୱିଧା ନଥିଲା ବା ନାହିଁ ।

